SAMBAD ସମ୍ବାଦ

# ଚର୍ଚ୍ଚା ବିକାଶ ପାଇଁ ପାଣ୍ଠି ପର୍ଯ୍ୟାପ୍ତ ନୁହେଁ

ସୋମବାର ଦିନ ଅର୍ଥମନ୍ତ୍ରୀ ପ୍ରଦୀପ ଅମାତ ବିଧାନସଭାରେ ୨୦୧୪-୧୫ ଆର୍ଥିକ ବର୍ଷ ପାଇଁ ୮୪,୪୮୭ କୋଟି ଟଙ୍କାର ରାଜ୍ୟ ବଜେଟ୍ ଆଗତ କରିଛନ୍ତି। ତେବେ ଅମାତଙ୍କ ଦ୍ୱିତୀୟ ବଜେଟ୍ ନେଇ ସବୁଠାରୁ ବଡ଼ ସମସ୍ୟା ହେଲା ଏହାର ଅନିଶ୍ଚିତ ଚରିତ୍ର। ସରକାର ୮୪ ହଜାରରୁ ଅଧିକ କୋଟି ଟଙ୍କାର ବ୍ୟୟ ଅଟକଳ କରିଛନ୍ତି ସିନା ଏଥିପାଇଁ ସମ୍ବଳ କେଉଁଠୁ ଆସିବ ସେ ନେଇ ନିଶ୍ଚିତ ନୁହନ୍ତି। ଗୋଟିଏ ପକ୍ଷରେ ନିଜସ୍ୱ ସମ୍ବଳ ସଂଗ୍ରହରେ ମାନ୍ଦାବସ୍ଥା ଲାଗି ରହିଛି, ଅନ୍ୟପକ୍ଷରେ କେନ୍ଦ୍ରୀୟ ଅନୁଦାନ ଓ କେନ୍ଦ୍ରୀୟ ଟିକସରେ ରାଜ୍ୟ ଭାଗର ପରିମାଣ କେତେ ହେବ ତାହା ମଧ୍ୟ ନିର୍ଦ୍ଦିଷ୍ଟ ହୋଇ ନାହିଁ। ଏହି ଦୁଇଟି କେନ୍ଦ୍ରୀୟ ସୂତ୍ରରୁ ରାଜ୍ୟ ବଜେଟ୍ ପାଇଁ ୪୭ ପ୍ରତିଶତ ସମ୍ବଳ ଆସିଥାଏ। ଅଥଚ ଚତୁର୍ଦ୍ଦଶ ଅର୍ଥ କମିସନଙ୍କ ରିପୋର୍ଟରେ ଏ ପ୍ରସଙ୍ଗରେ କ'ଣ ସୁପାରିସ କରାଯାଇଛି ତାହା ଏବେ ବି ଅସ୍ପଷ୍ଟ। ମୋଟାମୋଟି ଏକ କାଳ୍ପନିକ ଅଟକଳ ଉପରେ ୨୦୧୫-୧୬ର ବଜେଟ୍ ଆଧାରିତ। ସ୍ୱାଭାବିକ ଭାବେ ଏହି ଅନିଶ୍ଚିତତା ଏବଂ ଅସ୍ପଷ୍ଟ ସ୍ଥିତି ସରକାରଙ୍କୁ ରକ୍ଷଣଶୀଳ ହେବାକୁ ବାଧ୍ୟ କରିଛି। ଫଳତଃ ବଜେଟ୍ ଆକାର ପୂର୍ବବର୍ଷ ତୁଳନାରେ ମାତ୍ର ୩ ହଜାର କୋଟି ବଢ଼ିଥିବା ବେଳେ ଯୋଜନା ଅଟକଳ ମାତ୍ର ୩.୫ ପ୍ରତିଶତ (୨,୩୪୦ କୋଟି) ବୃଦ୍ଧି ପାଇଛି। ବିଗତ ତିନିବର୍ଷର ଧାରାରେ ଏହା ଏକ ବ୍ୟତିକ୍ରମ। ଗତ ତିନିବର୍ଷ ଧରି ପ୍ରାୟ ପ୍ରତ୍ୟେକ ବର୍ଷ ପୂର୍ବବର୍ଷ ତୁଳନାରେ ବଜେଟ୍ ଅଟକଳ ପ୍ରାୟ ୨୦ ହଜାର କୋଟି ଟଙ୍କା ବୃଦ୍ଧି ପାଇ ଆସୁଥିଲା। ପୂର୍ବବର୍ଷ ତୁଳନାରେ ଗତ ୨୦୧୪-୧୫ରେ ଯୋଜନା ଅଟକଳ ମଧ୍ୟ ୪୧ ପ୍ରତିଶତ ବୃଦ୍ଧି ପାଇ-୩୮,୮୧୦ କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲା।

ସମ୍ବଳ ସଂଗ୍ରହ କ୍ଷେତ୍ରରେ କଠିନ ପରିସ୍ଥିତି ଯେ ରାଜ୍ୟରେ ଯାହା ବି ବିକାଶ ହେଉଛି, ତାର ଧାରାକୁ ପ୍ରଭାବିତ କରିବ ବିଭିନ୍ନ ବିଭାଗର ବ୍ୟୟବରାଦରୁ ତା'ର ସ୍ପଷ୍ଟ ଇଙ୍ଗିତ ମିଳୁଛି। ଅଭାବେ ସ୍ୱଭାବ ନଷ୍ଟ ନ୍ୟାୟରେ ବିକାଶ ପ୍ରାଥମିକତା ହରାଇ ବସିଛି। ଏହାର ସୂଚକ ହେଲା ଅଣ ଯୋଜନା ଖର୍ଚ୍ଚ ୮ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ଯୋଜନା ଖର୍ଚ୍ଚ ବୃଦ୍ଧି ପାଇଛି ମାତ୍ର ୩.୫ ପ୍ରତିଶତ। ବିକାଶ କ୍ଷେତ୍ରରେ ରହିଥିବା ନିଅଣ୍ଟିଆ ଅବସ୍ଥା ଦୂର ପାଇଁ ବଜେଟ୍ ଆବଶ୍ୟକ ବ୍ୟୟବରାଦ ହୋଇ ପାରିନାହିଁ। ସାମାଜିକ କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯାଉଥିବା କୁହାଯାଉଛି। କିନ୍ତୁ ବ୍ୟୟ ଅଟକଳରେ ତାହା ପ୍ରତିଫଳିତ ହୋଇ ନାହିଁ। ରାଜନୈତିକ ବାଧ୍ୟବାଧକତାର ଚାପରେ ନିର୍ବାଚନ ପ୍ରତିଶ୍ରୁତି ରକ୍ଷା ପାଇଁ




ବିଜୁ ପକ୍କା ଘର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଆଦି କେତେ ଯୋଜନା ଲାଗି ବ୍ୟୟବରାଦ ବଢ଼ା ହୋଇଛି। ଅଥଚ ଅନ୍ୟ ପଟେ ସରକାରଙ୍କ ୧୫ଟି ବିଭାଗ ମଧ୍ୟରୁ ୧୦ଟି ବିଭାଗର ଯୋଜନା ଖର୍ଚ୍ଚ ପୂର୍ବାପେକ୍ଷା ହ୍ରାସ କରାଯାଇଛି। ଯୋଜନା ଖର୍ଚ୍ଚ କାଟର ଶିକାର ହୋଇଥିବା ବିଭାଗ ଗୁଡ଼ିକ ମଧ୍ୟରେ ରହିଛି ଗୁରୁତ୍ୱପୂର୍ଣ୍ଣ ମହିଳା ଶିଶୁ କଲ୍ୟାଣ ବିଭାଗ। ଏହି ବିଭାଗର ଯୋଜନା ଖର୍ଚ୍ଚ ୧୬ ପ୍ରତିଶତ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୩୦ ପ୍ରତିଶତ, ସମବାୟ ବିଭାଗର ଯୋଜନା ଖର୍ଚ୍ଚ ୨୦ ପ୍ରତିଶତ କାଟି ନିଆଯାଇଛି।

ଯେଉଁ ବିଭାଗଗୁଡ଼ିକର ଯୋଜନା ଅଟକଳ ବୃଦ୍ଧି କରାଯାଇଛି ତାହା ପର୍ଯ୍ୟାପ୍ତ ନୁହେଁ। ଅନେକ ବିଭାଗରେ ଅଣ-ଯୋଜନା ଖର୍ଚ୍ଚ ଅନୁପାତରେ ଯୋଜନା ବାବଦ ଖର୍ଚ୍ଚ ବୃଦ୍ଧି କମ୍। କୃଷିକୁ ପ୍ରାଥମିକତା ଦିଆଯାଉଥିବା କୁହାଯାଉଛି। କିନ୍ତୁ ଯୋଜନା ବାବଦ ୧୫ ପ୍ରତିଶତ ଅର୍ଥାତ୍ ୧୧୦୩ କୋଟି ଟଙ୍କାର ଅଧିକ ବ୍ୟୟ ଅଟକଳ କରାଯାଇଛି। ମାନ୍ଦେଇ ଯାଇଥିବା କୃଷି ଅଭିବୃଦ୍ଧି ହାରକୁ ବଢ଼ାଇବା ଓ ସାମଗ୍ରିକ ଭାବେ ଚାଷର ବିକାଶ ପାଇଁ ଅଧିକ ବିନିଯୋଗର ଆବଶ୍ୟକତା ରହିଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ବ୍ୟୟ ଅଟକଳ ୯୩୨୭.୧୨ କୋଟିରୁ ୯୯୭୯.୪୯କୁ ବୃଦ୍ଧି କରାଯାଇଛି। କିନ୍ତୁ ବିଗତ ୫ ବର୍ଷ ଧରି ଏହି ବିଭାଗ ପାଇଁ ବ୍ୟୟ ଅଟକଳରେ ବୃଦ୍ଧିର ଧାରା ତୁଳନାରେ ଏଥରର ବ୍ୟୟବରାଦ କମ୍। ଜିଏସ୍‌ଡିପିର ଅଂଶ ଭାବେ ବିଚାର କଲେ ଏହା ଗତ ବର୍ଷ ତୁଳନାରେ ୦.୧ ପ୍ରତିଶତ କମ୍। ଗତବର୍ଷ ଶିକ୍ଷା ବାବଦ ବ୍ୟୟ ଅଟକଳ ଥିଲା ଜିଏସ୍‌ଡିପିର ୨.୮୬ ପ୍ରତିଶତ। ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ମୌଳିକ କ୍ଷେତ୍ର ସ୍ୱାସ୍ଥ୍ୟ ପାଇଁ ମୋଟ ବ୍ୟୟବରାଦ ମଧ୍ୟ ବୃଦ୍ଧି ପରିବର୍ତ୍ତେ ହ୍ରାସ ପାଇଛି। ଚଳିତ ୨୦୧୪-୧୫ରେ ସ୍ୱାସ୍ଥ୍ୟ ପାଇଁ ବ୍ୟୟ ବରାଦ ଥିଲା ୩,୯୨୭.୭୪ କୋଟି। ଏଥର ବଜେଟରେ ୩୮୮୫.୮୮ କୋଟି ଟଙ୍କାର ବ୍ୟବସ୍ଥା ରହିଛି।

ଶେଷରେ ଗୋଟିଏ ବିଷୟ ଉଲ୍ଲେଖ କରିବା ଆଦୌ ଅବାନ୍ତର ହେବ ନାହିଁ ଯେ, ସମ୍ବଳ ସଂଗ୍ରହରେ ଅନିଶ୍ଚିତତା, କାଳ୍ପନିକ ଅଟକଳ ପରିପ୍ରେକ୍ଷୀରେ ସୋମବାର ଦିନ ଉପସ୍ଥାପିତ ପୂର୍ଣ୍ଣାଙ୍ଗ ବଜେଟ୍ ଅପେକ୍ଷା ଆଗାମୀ ଦିନରେ ବିଧାନସଭାରେ ଆସିବାକୁ ଥିବା ଅତିରିକ୍ତ ବଜେଟ୍ ଅଧିକ ଗୁରୁତ୍ୱ ବହନ କରିବ। ଆଶା, ଅତିରିକ୍ତ ବଜେଟ୍ ଉପସ୍ଥାପନ ବେଳକୁ ସ୍ଥିତି ସ୍ପଷ୍ଟ ହୋଇ ଯାଇଥିବ ଏବଂ ବର୍ଦ୍ଧିତ ସମ୍ବଳ ସହ ବିକାଶ ପାଇଁ ଅଧିକ ବିନିଯୋଗ ପାଇଁ ସୁଯୋଗ ସୃଷ୍ଟି ହୋଇଥିବ।